# Prime Minister, Shri Narendra Modi holds talk with President of the European Commission, Ursula Von der Leyen in New Delhi

April 25, 2022

---

# ୟୁରୋପୀୟ କମିଶନର ସଭାପତି ମାନ୍ୟବର ଉର୍ସୁଲା ଭନ୍ ଡେର୍ ଲିଏନଙ୍କୁ ଆଜି ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ଚଳିତ ବର୍ଷ ରାଇସିନା ଆଲୋଚନାର ଉଦଘାଟନୀ ଉତ୍ସବରେ ଯୋଗଦେବାକୁ ରାଜି ହୋଇଥିବାରୁ ପ୍ରଧାନମନ୍ତ୍ରୀ ୟୁରୋପୀୟ କମିଶନର ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ଦିନକ ପରେ ତାଙ୍କର ବକ୍ତବ୍ୟ ଶୁଣିବା ପାଇଁ ସେ ବହୁତ ଉତ୍ସାହିତ ଥିବା କହିଛନ୍ତି ।

ନେତାମାନେ ସହମତ ହୋଇଥିଲେ ଯେ ବୃହତ ତଥା ଚଳଚଞ୍ଚଳ ଗଣତାନ୍ତ୍ରିକ ସମାଜ ଭାବରେ ଭାରତ ଏବଂ ୟୁରୋପ ଅନେକ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ସମାନ ମୂଲ୍ୟବୋଧ ଏବଂ ସାଧାରଣତା ଦେଖାଇଛନ୍ତି ।

ସେମାନେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ଏବଂ ନିବେଶ ଚୁକ୍ତି ଉପରେ ଆଗାମୀ ବୁଝାମଣାପତ୍ର ସହିତ ଭାରତ-ଇୟୁ ରଣନୀତିକ ଭାଗିଦାରୀ ଅଗ୍ରଗତିର ସମୀକ୍ଷା କରିଥିଲେ । ଭାରତ-ଇୟୁ ସମ୍ପର୍କର ସମସ୍ତ ଦିଗ ଉପରେ ରାଜନୈତିକ ସ୍ତରର ତଦାରଖ କରିବା ଏବଂ ସହଯୋଗର ବିଭିନ୍ନ କ୍ଷେତ୍ର ମଧ୍ୟରେ ସମନ୍ୱୟ ରକ୍ଷାକୁ ନିଶ୍ଚିତ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଆୟୋଗ ଗଠନ କରିବାକୁ ସହମତି ପ୍ରକାଶ ପାଇଥିଲା ।

ସବୁଜ ହାଇଡ୍ରୋଜେନ ପରି କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ସହଯୋଗର ସମ୍ଭାବନାକୁ ନେଇ ଜଳବାୟୁ ସମ୍ବନ୍ଧୀୟ ପ୍ରସଙ୍ଗରେ ନେତାଙ୍କ ବିସ୍ତୃତ ଆଲୋଚନା ହୋଇଥିଲା । ସେମାନେ କୋଭିଡ-୧୯ ର ଅବିରତ ଆହ୍ୱାନ ଉପରେ ମଧ୍ୟ ଆଲୋଚନା କରିଥିଲେ ଏବଂ ବିଶ୍ୱର ସମସ୍ତ ଭାଗରେ ଟିକା ଏବଂ ଚିକିତ୍ସା ପାଇଁ ସମାନ ସୁବିଧା ସୁନିଶ୍ଚିତ କରିବାକୁ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏଥିସହ, ୟୁକ୍ରେନର ସ୍ଥିତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ବିକାଶ ସମେତ ବୈଠକରେ ବହୁ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।

ନୂଆଦିଲ୍ଲୀ

ମେ 25, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.